# ଆଇଆଇପିଏମ୍‌ରେ ସୁପରଭାଇଜରଙ୍କ ଜାତୀୟ ପ୍ରତିଯୋଗିତା ଆୟୋଜିତ

ରାଉରକେଲା, ତା ୧୫।୧୨(ସ.ପ୍ର.)– କାଂଶବାହାଲ ସ୍ଥିତ ଆଇଆଇପିଏମ୍‌ରେ ଆଜି ସୁପରଭାଇଜରମାନଙ୍କ ଏକ ଜାତୀୟ ପ୍ରତିଯୋଗିତା ଅବସରରେ 'ଇଫେକ୍ଟିଭ୍ ଆସେଟ ମ୍ୟାନେଜମେଣ୍ଟ ଲିଙ୍କ୍ ଟୁ ଅର୍ଗାନାଇଜେସନାଲ ପରଫରମାନ୍ସ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଏହି ପ୍ରତିଯୋଗିତାକୁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଓଙ୍କାରନାଥ ମହାନ୍ତି ଏବଂ ଏଲ୍ ଏଣ୍ଡ ଟିର ଉପସଭାପତି ଏ.ପି.ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରଫେସର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମ୍ପଦ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହା ସହିତ ବୌଦ୍ଧିକ ସମ୍ପତ୍ତିର ଅଧିକାର, ସଂରଚନା ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଉପରେ ଗୁରୁତ୍ୱାରୋପ କରି ଏଗୁଡ଼ିକର ଉପଯୁକ୍ତ ପରିଚାଳନା କରି ପାରିଲେ ଯେକୌଣସି ପ୍ରତିଷ୍ଠାନର ପ୍ରଗତି ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଶ୍ରୀ ମିଶ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅନୁଷ୍ଠାନର ସୁପରଭାଇଜରମାନଙ୍କ ଭୂମିକା କ'ଣ ହେବା ଦରକାର ତାହା ଉପରେ ସେ ଆଲୋଚନା କରିଥିଲେ। ଅନୁଷ୍ଠାନ ସହିତ ସୁପରଭାଇଜରମାନଙ୍କର ଭାବଗତ ସମ୍ପର୍କ ରହିଲେ ପ୍ରତିଷ୍ଠାନର ଉତ୍ତରୋତ୍ତର ଉନ୍ନତି ସମ୍ଭବ ହୋଇଥାଏ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ସହଯୋଗୀ ନିର୍ଦ୍ଦେଶକ ଡ. ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇ ଆଇଆଇପିଏମ୍ ପ୍ରଶିକ୍ଷଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଶେଷରେ ପ୍ରଶିକ୍ଷଣ ଓ ପ୍ରଶାସନର ମୁଖ୍ୟ ଆର୍.ଏନ୍.ପାଲ ଏଭଳି ପ୍ରତିଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଜେ.କେ. ଶ୍ରୀବାସ୍ତବ ଓ ରାକେଶ ରଞ୍ଜନ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଦେଶର ୮ ଟି ନାମୀଦାମି ପ୍ରତିଷ୍ଠାନ ଯଥା–ଓସିଏଲ୍ ଇଣ୍ଡିଆ ଲିମିଟେଡ, ଏସେଲ ମାଇନିଂ, ଆଦିତ୍ୟ ବିର୍ଲା ଗ୍ରୁପ, ଲାର୍ସେନ ଏଣ୍ଡ ଟୁବ୍ରୋ, ଟାଟା ରିଫ୍ରାକ୍ଟୋରିଜ ଲିମିଟେଡ, ଚେନ୍ନାଇର ଡେଲଫି ଟିଭିଏସ୍, ଆପୋଲୋ ଟାୟାର୍ସର ଟିମ୍‌ଗୁଡ଼ିକ ଭାଗ ନେଇଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ନଗଦ ଅର୍ଥ ଓ ରୋଲିଂ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା।

SAMAJ - 16-12-06.